# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**20 March – 2026**

# ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହ ସମୀକ୍ଷା ବୈଠକ

ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହ ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ମଡେଲ କୁଲିଂ ସେଲ୍ଟର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷଭାବେ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିଶୁ ଏବଂ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଦିନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ କୌଣସି ନିର୍ମାଣ କିମ୍ବା ଶାରୀରିକ କାର୍ଯ୍ୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଛି।

# ଇନ୍‌ଡୋର ଆଥ୍‌ଲେଟିକ୍‌ସ

୨୦୨୮ ବିଶ୍ୱ ଇନ୍‌ଡୋର ଆଥ୍‌ଲେଟିକ୍ସ ଚମ୍ପିୟାନ୍‌ସିପ୍ ଆୟୋଜନ ପାଇଁ ଭାରତକୁ ଅଧିକାର ମିଳିଥିବା ବେଳେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଏହା ଅନୁଷ୍ଠିତ ହେବ। ବିଶ୍ୱ ଆଥ୍‌ଲେଟିକ୍ସର ସଭାପତି ସେବାଷ୍ଟିଆନ୍ କୋଏଆଜି ଏହା ଘୋଷଣା କରିଛନ୍ତି । କଳିଙ୍ଗ ଷ୍ଟାଡିୟମସ୍ଥିତ ଇନ୍‌ଡୋର ଆଥ୍‌ଲେଟିକ୍ ଷ୍ଟାଡିୟମରେ ୨୦୨୮ ସଂସ୍କରଣ ଆୟୋଜନ ଅଧିକାର ଭୁବନେଶ୍ୱରକୁ ମିଳିଥିବା ନେଇ ଭାରତୀୟ ଆଥ୍‌ଲେଟିକ୍ ମହାସଂଘର

ସଭାପତି ବାହାଦୂର ସିଂ ସାଗୋ ନିଶ୍ଚିତ କରିଛନ୍ତି ।ସୂଚନାଯୋଗ୍ୟ ୨୦୧୭ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥ୍‌ଲେଟିକ୍ ମିଟ୍ ଆୟୋଜିତ ହୋଇଥିଲା ।

## ମୋଟରଯାନ ନିୟମ

ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ମୋଟରଯାନ ନିୟମର ସଠିକ୍ ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇଛି । ବସ୍‌ଗୁଡ଼ିକ ଯେଭଳି ଧାର୍ଯ୍ୟ ଦରଠାରୁ ଅଧିକ ଭଡ଼ା ଆଦାୟ ଓ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ ନ କରିବେ ସେନେଇ ନିୟମିତ ଯାଞ୍ଚ କରିବାକୁ ରାଜ୍ୟର ସମସ୍ତ ଆରଟିଓଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ନୂଆପଡ଼ା ଜିଲ୍ଲାରେ ଦୁର୍ଘଟଣା ହ୍ରାସ କରିବା ଉଦ୍ଦେଶ୍ୟରେ୧୦ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ହେଲ୍‌ମେଟ୍ ହବ୍ ସ୍ଥାପନ ପାଇଁ ସ୍ଥିର କରାଯାଇଥିବା ଜଣାପଡ଼ିଛି । ଅନୁଷ୍ଠିତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲ୍ଲାପାଳ ଓ ଜିଲ୍ଲା ପରିବହନ ଅଧିକାରୀ ଦୁର୍ଘଟଣାପ୍ରବଣ ଅଞ୍ଚଳରେ ନିରୀକ୍ଷଣ ଓ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରିଥିଲେ।

## ଭୂତଳ ଜଳ

ନୟାଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଭୂତଳ ଜଳ ପରିଚାଳନା ସଂପର୍କିତ ଜାତୀୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ

ଭୂତଳ ଜଳ ବିଭାଗର ବୈଜ୍ଞାନିକ ସୁମିତ୍ରା ସରକାର ଓ କେନ୍ଦ୍ରୀୟ ଭୂତଳ ଜଳବୋର୍ଡ ଭୁବନେଶ୍ୱରର ବୈଜ୍ଞାନିକମାନେ ନୟାଗଡ଼ ଜିଲ୍ଲାର ଭୂତଳ ଜଳସ୍ଥିତି ଉପରେ ଆଲୋଚନା କରିଥିଲେ। ଆଜି ସୁଦ୍ଧା ପ୍ରାୟ ୮୭ ପ୍ରତିଶତ ଭୂତଳଜଳ ବ୍ୟବହାର କରାଯାଇଥିବା ବେଳେ ଏହାର ବୃଦ୍ଧି ଏବଂ ଉଚିତ ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## କାର୍ଯ୍ୟାବଳୀ ସମୀକ୍ଷା

ନୂଆପଡ଼ା ଜିଲ୍ଲାର ତିନୋଟି ବିଜ୍ଞପିତ ଅଞ୍ଚଳ ପରିଷଦର କାର୍ଯ୍ୟାବଳୀ ସମୀକ୍ଷା କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ରାଜସ୍ୱ ସଂଗ୍ରହରେ ଖଡ଼ିଆଳ ବିଜ୍ଞପିତ ଅଞ୍ଚଳ ପରିଷଦ ୯୯ ଦଶମିକ ୩ ପ୍ରତିଶତ ସଫଳତା ପାଇଥିବା ବୈଠକରୁ ଜଣାପଡ଼ିଛି । ସମୁଦାୟ ରାଜସ୍ୱ ସଂଗ୍ରହରେ ଖଡ଼ିଆରରୋଡ୍ ୯୨ ଦଶମିକ ୬/୦ ପ୍ରତିଶତ ସଫଳତା ହାସଲ କରିଛି ।

## ସରକାରୀ ଯୋଜନା

କନ୍ଧମାଳ ଜିଲ୍ଲାରେ ଆଦିବାସୀ କଲ୍ୟାଣ ଏବଂ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଅନୁଧ୍ୟାନ କରିବା ପାଇଁ ଜାତୀୟ ମାନବାଧିକାର ଆୟୋଗଙ୍କ ଆଦିବାସୀ କଲ୍ୟାଣ ବିଭାଗର ସ୍ୱତନ୍ତ୍ର ନିରୀକ୍ଷକ ହେମନ୍ତ କୁମାର ଦୁଇଦିନିଆ ଗସ୍ତରେ ଯାଇ ସମୀକ୍ଷା କରିଛନ୍ତି। ସେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ନିରୀକ୍ଷଣ କରିବା ସହିତ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ନିୟମ କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ ।

## ମାଟ୍ରିକ୍ ଖାତାଦେଖା

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଦୀର୍ଘଉତ୍ତରମୂଳକ ଉତ୍ତରଖାତା ଦେଖା ଆରମ୍ଭ ହୋଇଛି । ଏହା ଏପ୍ରିଲ୍ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ୫୦ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ୍ ସହ ଏସ୍‌ଓଏସି ଓ ସଂସ୍କୃତ ମଧ୍ୟମା ଖାତା ଦେଖା ଆରମ୍ଭ ହୋଇଛି ।

---

## ପୋଷଣ ସ୍ଥିତି ସମୀକ୍ଷା

ମହିଳା ଓ ଶିଶୁ ବିକାଶ କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ଶଓ୍ୱାଲ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି । ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସୁପୋଷିତ ଲକ୍ଷ୍ୟ କର୍ମଶାଳାରେ ଯୋଗଦେଇ ଶିଶୁମାନଙ୍କ ପୋଷଣ ସ୍ଥିତିରେ ଉନ୍ନତି ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ୨୦୨୯ମସିହା ସୁଦ୍ଧା ପୁଷ୍ଟିହୀନତା ମୁକ୍ତ ଓଡ଼ିଶା ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

---

## ପୁଲିସ ଅଧିକାରୀ ସମ୍ମାନିତ

ଗଜପତି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଗଞ୍ଜେଇ ଚାଷ ନଷ୍ଟ କରିବା ସହ ଚୋରାଚାଲାଣ ରୋକିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ତିନୋଟି ଥାନାର ୪ ଜଣ ପୁଲିସ ଅଧିକାରୀ ସମ୍ମାନିତ ହେବେ। ରାଜ୍ୟ

ପୁଲିସ ମହାନିର୍ଦ୍ଦେଶକ ମୋହନା, ଆର୍.ଉଦୟଗିରି ଓ ଚନ୍ଦ୍ରଗିରି ପୁଲିସ ଫାଣ୍ଡିର ୪ ଜଣ ଅଧିକାରୀଙ୍କୁ ଆଜି ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ସମ୍ମାନିତ କରିବେ।

## ବିଶ୍ୱ ଘରଚଟିଆ ଦିବସ

ଜୈବ ବିବିଧତାର ଅନନ୍ୟ ସୃଷ୍ଟି ହେଉଛି ଘରଚଟିଆ ପକ୍ଷୀ । ସନ୍ତୁଳନ ହରାଇଥିବା ପରିବେଶ, ଜଙ୍ଗଲ ହ୍ରାସ, ରାସାୟନିକ ସାରର ବ୍ୟବହାର ସହିତ ଅନେକ କାରଣ ଯୋଗୁଁ ଘରଚଟିଆ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଛି ଏବଂ ସେମାନଙ୍କର ବଂଶ ପ୍ରାୟ ଲୋପ ପାଇଲାଣି । ଏହି ଦିବସରେ ଘରଚଟିଆ ପକ୍ଷୀଙ୍କ ପାଇଁ ପ୍ରକୃତି ଅନୁକୂଳ ପରିବେଶ ଓ ବାସସ୍ଥାନ ନିର୍ମାଣ ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଘରଚଟିଆ ପକ୍ଷୀଙ୍କ ବଂଶରକ୍ଷା ଏବଂ ପରିବେଶକୁ ସନ୍ତୁଳନ କରିବା ପାଇଁ ଆଜିର ଦିନକୁ ବିଶ୍ୱ ଘରଚଟିଆ ଦିବସ ଭାବେ ପାଳନ କରାଯାଉଛି ।

## ପାଣିପାଗ

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୬ଟି ଜିଲ୍ଲାକୁ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି-ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର।